# NATIONAL NEWS BULLETIN (ODIA)

**20 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତା ମଙ୍ଗଳବାର ଦିନ ପଞ୍ଚମ ଜାତୀୟ ଜଳ ପୁରସ୍କାର-୨୦୨୩ ପ୍ରଦାନ କରିବେ ରାଷ୍ଟ୍ରପତି ।

- ବାରଣାସୀ ଗସ୍ତ ଅବସରରେ ଆଜି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆସନ୍ତାକାଲି ଆରମ୍ଭ ହେବ ଦୁଇଦିନିଆ ସହରାଞ୍ଚଳ ଜମି ରେକର୍ଡ ସର୍ଭେରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଶୀର୍ଷକ ଆନ୍ତର୍ଜାତିକ କର୍ମଶାଳା ।

- ଇଣ୍ଡୋନେସିଆର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଲେ ପ୍ରୋବୋଓ୍ୱ ସୁବିଆଣ୍ଟୋ

ଏବଂ

- ବେଙ୍ଗାଲୁରୁ ଟେଷ୍ଟରେ ଭାରତକୁ ୮ ଓ୍ୱିକେଟ୍‌ରେ ପରାସ୍ତ କଲା ନ୍ୟୁଜିଲାଣ୍ଡ ।

# ରାଷ୍ଟ୍ରପତି- ନ୍ୟାସନାଲ ୱାଟର ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମଙ୍ଗଳବାର ଦିନ ନୂଆଦିଲ୍ଲୀରେ ପଞ୍ଚମ ଜାତୀୟ ଜଳ ପୁରସ୍କାର-୨୦୨୩ ପ୍ରଦାନ କରିବେ। ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ୯ଟି ବର୍ଗରେ ୩୮ ଜଣଙ୍କୁ ବିଜେତା ଭାବେ ମନୋନୀତ କରାଯାଇଛି। ୯ଟି ବର୍ଗ ମଧ୍ୟରେ ରାଜ୍ୟ, ଜିଲ୍ଲା, ଗ୍ରାମପଞ୍ଚାୟତ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଜଳ ଉପଭୋକ୍ତା ସଂଘ, ନାଗରିକ ସମାଜ ଆଦି ଅନ୍ତର୍ଭୁକ୍ତ। ଶ୍ରେଷ୍ଠ ରାଜ୍ୟ ବର୍ଗରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉତ୍ତର ପ୍ରଦେଶ ଦ୍ୱିତୀୟ, ଗୁଜୁରାଟ ଓ ପୁଡୁଚେରୀ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ମାନପତ୍ର ଓ ଟ୍ରଫି ସହ ନିର୍ଦ୍ଦିଷ୍ଟ ବର୍ଗରେ ନଗଦ ଅର୍ଥ ପ୍ରଦାନ କରାଯିବ। ଜଳ ପରିଚାଳନା ଏବଂ ସଂରକ୍ଷଣ ସମ୍ପର୍କରେ ଜାତୀୟସ୍ତରରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ସରକାର ଏଭଳି ବ୍ୟାପକ ଅଭିଯାନକୁ ହାତକୁ ନେଇଛନ୍ତି ବୋଲି ମନ୍ତ୍ରଣାଳୟ କହିଛି।

# ପିଏମ୍-ବାରଣାସୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କ ସଂସଦୀୟ କ୍ଷେତ୍ର ବାରଣାସୀ ଗସ୍ତ କରିବେ । ସେଠାରେ ପ୍ରାୟ ୬ ହଜାର ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଅପରାହ୍ଣ ୨ଟାରେ ପ୍ରଧାନମନ୍ତ୍ରୀ କାଶୀରେ ପହଞ୍ଚିବେ ଏବଂ ଆର୍‌ଜେ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

ବାରଣାସୀର ସିଗ୍ରା ଷ୍ଟାଡିୟମଠାରେ ଅପରାହ୍ଣ ୪ଟା ୧୫ ମିନିଟ୍‌ରେ ଏକାଧିକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ ଆନ୍ତର୍ଜାତିକ ବିମାନ ବନ୍ଦରର ନୂତନ ଟର୍ମିନାଲ କୋଠା ସହିତ ରନୱେ ସମ୍ପ୍ରସାରଣ ଏବଂ ଆନୁଷଙ୍ଗିକ କାର୍ଯ୍ୟର ଶିଳାନ୍ୟାସ କରିବେ । ଆଗ୍ରା, ଦରଭଙ୍ଗା, ବାଗ୍‌ଡୋଗ୍ରା ବିମାନ ବନ୍ଦରରେ ନୂତନ ସିଭିଲ ଏନ୍‌କ୍ଲେଭର ଶିଳାନ୍ୟାସ କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି । ଏଥିସହ ରେୱା ବିମାନବନ୍ଦର, ମହାମାୟା ବିମାନ ବନ୍ଦର, ଅମ୍ବିକାପୁର ଏବଂ ସାରସୱା ବିମାନ ବନ୍ଦରର ନୂତନ  ଟର୍ମିନାଲ କୋଠାକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଖେଲୋ ଇଣ୍ଡିଆ ଯୋଜନା ଏବଂ ସ୍ମାର୍ଟ ସିଟି ମିଶନ ଅଧୀନରେ ପ୍ରଧାନମନ୍ତ୍ରୀ ବାରାଣାସୀ କ୍ରୀଡ଼ା କମ୍ପ୍ଲେକ୍ସର ୨୧୦କୋଟି ଟଙ୍କାରୁ ଅଧିକ ମୂଲ୍ୟର ପୁନଃ ନିର୍ମାଣର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟକୁ ଲୋକାର୍ପଣ କରିବେ ।

## ଶିବରାଜ-ୱାର୍କସପ

ନୂଆଦିଲ୍ଲୀରେ ଆସନ୍ତାକାଲି ସହରାଞ୍ଚଳ ଜମି ରେକର୍ଡ ସର୍ଭେରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଶୀର୍ଷକ ଆନ୍ତର୍ଜାତିକ କର୍ମଶାଳା ଆରମ୍ଭ ହେବ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଏହାକୁ ଉଦ୍‌ଘାଟନ କରିବେ। ସହରାଞ୍ଚଳ ଜମି ରେକର୍ଡ ବ୍ୟବସ୍ଥାରେ ବିଶ୍ୱସ୍ତରୀୟ ଢାଞ୍ଚାର ଉପଯୋଗ ଲକ୍ଷ୍ୟରେ ଏହି କର୍ମଶାଳାର ଆୟୋଜନ କରାଯାଉଛି। ଦୁଇଦିନିଆ ସମ୍ମିଳନୀରେ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ରାଜସ୍ୱ, ନଗର ଉନ୍ନୟନ, ବିଭାଗର ବରିଷ୍ଠ ଅଧିକାରୀ ଏବଂ ଆନ୍ତର୍ଜାତିକ ବିଶେଷଜ୍ଞ ଓ ପ୍ରଯୁକ୍ତିବିଦ୍ୟା ସହ ସଂଶ୍ଲିଷ୍ଟ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଏହି ପ୍ରସଙ୍ଗ ଉପରେ ମତବିନିମୟ କରିବେ।

# ଝାଡ଼ଖଣ୍ଡ-ଆର୍‌ଜେଡି ଡିସ୍‌ପ୍ୟୁଟ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଇଣ୍ଡି ମେଣ୍ଟର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ହୋଇଥିବା ଆସନ ବଣ୍ଟନରେ ରାଷ୍ଟ୍ରୀୟ ଜନତା ଦଳ ଅସନ୍ତୋଷ ପ୍ରକାଶ କରିଛି। ଦଳର ବରିଷ୍ଠ ନେତା ମନୋଜ କୁମାର ଝା' କହିଛନ୍ତି, ଆସନ ଆବଣ୍ଟନ ପୂର୍ବରୁ ତାଙ୍କ ଦଳ ସହ କୌଣସି ଆଲୋଚନା ହୋଇନାହିଁ। ଅନ୍ୟପକ୍ଷରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ରାଜେଶ ଠାକୁର ରାଷ୍ଟ୍ରୀୟ ଜନତା ଦଳର ଅଭିଯୋଗକୁ ଖଣ୍ଡନ କରିବା ସହ ଆସନ ବଣ୍ଟନ ପୂର୍ବରୁ ସବୁ ସହଯୋଗୀଙ୍କ ସହ ବିଚାର ବିମର୍ଶ କରାଯାଇଥିଲା ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଇଣ୍ଡି ମେଣ୍ଟର ଆସନ ବୁଝାମଣା ଆଧାରରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏବଂ କଂଗ୍ରେସ ୭୦ଟି ଆସନରୁ ନିର୍ବାଚନ ଲଢ଼ିବେ। RJD ଏବଂ CPIML ୧୧ଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ।

# ଓଡ଼ିଶା ପ୍ରବାସୀ ଭାରତୀୟ ଦିବସ

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଆସନ୍ତା ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବ। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରଦତ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ ଏ ନେଇ ଏକ ସମାରୋହ ଆୟୋଜିତ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟ ମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

୧୯୧୫ ମସିହା ଜାନୁଆରୀ ୯ ତାରିଖରେ ଦକ୍ଷିଣ ଆଫ୍ରିକାରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭାରତ ଆଗମନ ସ୍ମରଣାର୍ଥେ ଏହି ଦିବସ ପାଳନ କରାଯାଏ। ଦେଶର ବିକାଶରେ ପ୍ରବାସୀ ଭାରତୀୟଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାକୁ ମାନ୍ୟତା ଦେବା ଲକ୍ଷ୍ୟରେ ୨୦୦୩ ମସିହାରୁ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଆସୁଛି। ମଧ୍ୟପ୍ରଦେଶର ଇନ୍ଦୋରଠାରେ ଗତ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଥିଲା।

## ଦିଲ୍ଲୀ ପୁଲିସ-ଏକ୍ସପ୍ଲୋଜନ୍

ଦିଲ୍ଲୀର ରୋହିଣୀସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ-ସି.ଆର୍.ପି.ଏଫ୍.ର ଏକ ସ୍କୁଲ ବାହାରେ ଆଜି ବିସ୍ଫୋରଣ ଘଟିଛି। ସକାଳେ ଘଟିଥିବା ଏହି ବିସ୍ଫୋରଣରେ ସ୍କୁଲର କାନ୍ଥ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ନିକଟରେ ଥିବା ଏକ ଦୋକାନର କାଚ ଏବଂ ଏକ କାର୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ତେବେ ଏହି ଘଟଣା କେହି ମୃତାହତ ହୋଇ ନ ଥିବା ପୁଲିସ ସ୍ପଷ୍ଟ କରିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂଚନା ଦେଇଛି।

## ଇଣ୍ଡୋନେସିଆ-ପ୍ରେଜ୍

ଇଣ୍ଡୋନେସିଆର ରାଷ୍ଟ୍ରପତି ଭାବେ ପ୍ରୋବୋଓ୍ୱ ସୁବିଆଣ୍ଟୋ ଦାୟିତ୍ୱ ଗ୍ରହଣ କରିଛନ୍ତି। ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମୁସଲମାନ ବହୁଳ ତଥା ବିଶ୍ୱର ତୃତୀୟ ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରର ଅଷ୍ଟମ ରାଷ୍ଟ୍ରପତି ଭାବେ ଶ୍ରୀ ପ୍ରବୋଓ୍ୱ ଦାୟିତ୍ୱ ନେଇଛନ୍ତି। ୭୩ ବର୍ଷୀୟ ପୂର୍ବତନ ସ୍ପେଶାଲ ଫୋର୍ସ କମାଣ୍ଡର ଶ୍ରୀ ପ୍ରୋବୋଓ୍ୱ ଗତ ଫେବୃଆରୀରେ ୧୪ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ପାଖାପାଖି ୬୦ ପ୍ରତିଶତ ଭୋଟ୍ ପାଇ ବିଜୟୀ

ହୋଇଥିଲେ। ସ୍କୁଲ ପିଲାଙ୍କୁ ମାଗଣା ଭୋଜନ ପ୍ରଦାନ ନୀତି ଆଧାରରେ ସେ ନିର୍ବାଚନ ଲଢ଼ିଥିଲେ।

## ୟୁଏସ୍ ଫେରି କୋଲାପ୍ସ

ଆମେରିକାର ଜର୍ଜିଆ ରାଜ୍ୟର ସାପେଲୋ ଦ୍ୱୀପରେ ଏକ ଯାତ୍ରୀବାହୀ ଡଙ୍ଗା ଓଲଟି ପଡ଼ିବାରୁ ଅତିକମ୍‌ରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ଜର୍ଜିଆ ପ୍ରାକୃତିକ ସମ୍ପଦ ବିଭାଗର ମୁଖପାତ୍ର କହିଛନ୍ତି, ଆହତ ଲୋକଙ୍କୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆମେରିକା ତଟରକ୍ଷୀ ବାହିନୀ, ଅଗ୍ନିଶମ ବିଭାଗ ଏବଂ ଅନ୍ୟାନ୍ୟ ସଂସ୍ଥା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ବୋଲି ମୁଖପାତ୍ର ସୂଚନା ଦେଇଛନ୍ତି।

## ଇସ୍ରାଏଲ-ଆଟାକ

ଉତ୍ତର ଗାଜାର ବେଇଟ୍ ଲାହିୟା ଅଞ୍ଚଳରେ ଇସ୍ରାଏଲ ଆକ୍ରମଣରେ ୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଭଗ୍ନାବଶେଷ ତଳେ ଆହୁରି ଅଧିକ ଲୋକ ପୋତି ହୋଇ ରହିଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଗାଜାର ସରକାରୀ ଗଣମାଧ୍ୟମ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉତ୍ତରାଞ୍ଚଳକୁ ୧୬ ଦିନ ଧରି ଇସ୍ରାଏଲ ସେନା ଘେରାଉ କରି ରଖିଥିବାରୁ ସେଠାରେ ଖାଦ୍ୟ, ପାଣି ଏବଂ ଚିକିତ୍ସା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ବହୁ ପରିମାଣରେ ବାଧାପ୍ରାପ୍ତ ହୋଇଛି। ତେବେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ମୃତାହତଙ୍କ ସମ୍ପର୍କରେ ଗାଜା ପକ୍ଷରୁ ଦିଆଯାଇଥିବା ସୂଚନା ଅତିରଞ୍ଜିତ ବୋଲି ବର୍ଣ୍ଣନା କରିଛି।

# ରାଜସ୍ଥାନ-ରୋଡ୍ ଆକ୍ସିଡେଣ୍ଟ

ରାଜସ୍ଥାନ ଦେଇ ଯାଇଥିବା ଜାତୀୟ ରାଜପଥର ଧୋଲପୁର ନିକଟରେ ଗତରାତିରେ ଏକ ସଡ଼କ ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ଏକ ଯାତ୍ରୀବାହୀ ବସ୍ ସହ ଅଟୋରିକ୍ସା ମୁହାଁମୁହିଁ ଧକ୍କା ହୋଇଥିଲା। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଏବଂ ମହିଳା ଅଛନ୍ତି। ସେମାନେ ବିବାହ ଉତ୍ସବରୁ ଫେରୁଥିଲେ। ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କ ଅବସ୍ଥା ମଧ୍ୟ ଗୁରୁତର ଥିବା ଜଣାପଡ଼ିଛି। ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଇଣ୍ଡିଆ-ନ୍ୟୁଜିଲାଣ୍ଡ କ୍ରିକେଟ

ଭାରତ-ନ୍ୟୁଜିଲାଣ୍ଡ ଚଳିତ ତିନିଟିକିଆ କ୍ରିକେଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ବିଜୟୀ ହୋଇଛି। ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ଏହି ପ୍ରତିଯୋଗିତାରେ ବିଜୟ ପାଇଁ ନ୍ୟୁଜିଲାଣ୍ଡ ସମ୍ମୁଖରେ ୧୦୭ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ତା'ର ଦ୍ୱିତୀୟ ଇନିଂସରେ ଦୁଇ ୱିକେଟ୍ ବିନିମୟରେ ୧୧୦ ରନ୍ ସଂଗ୍ରହ କରିଛି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ନ୍ୟୁଜିଲାଣ୍ଡ ପକ୍ଷରୁ କନୱେ ୧୭ ରନ୍ କରିଥିବା ବେଳେ ୱିଲିୟମ୍ସ ଅପରାଜିତ ୪୮ ଏବଂ ରାଚିନ ରବିନ୍ଦ୍ର ଅପରାଜିତ ୩୯ ରନ୍ ସଂଗ୍ରହ କରି ନ୍ୟୁଜିଲାଣ୍ଡକୁ ବିଜୟ ପ୍ରଦାନ କରିଥିଲେ। ଏହି ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ବର୍ଷା ଯୋଗୁଁ ଖେଳ ସମ୍ଭବ ହୋଇପାରି ନଥିବା ବେଳେ ବାକି ଚାରି ଦିନର ଖେଳରେ ଟେଷ୍ଟ ମ୍ୟାଚ୍‌ର ଫଳାଫଳ ସମ୍ଭବ ହୋଇପାରିଛି। ଭାରତ ଟସ୍

ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସମ୍ପୂର୍ଣ୍ଣ ବ୍ୟାଟିଂ ବିପର୍ଯ୍ୟସ୍ତର ସମ୍ମୁଖୀନ ହୋଇ ଭାରତ ପ୍ରଥମ ଇନିଂସରେ ମାତ୍ର ୪୬ ରନ୍ ସଂଗ୍ରହ କରିଥିଲା। ଘରୋଇ ମାଟିରେ ଟେଷ୍ଟ ସିରିଜ୍‌ରେ ଭାରତର ଏହା ସବୁଠାରୁ ନିମ୍ନତମ ସ୍କୋର। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୪୦୨ ରନ୍ ସଂଗ୍ରହ କରିଥିଲା। ଭାରତ ଦ୍ୱିତୀୟ ଇନିଂସରେ  ସର୍ଫରାଜ ଖାନ୍‌ଙ୍କ ଶତକ ଏବଂ ରିଷଭ ପନ୍ତଙ୍କ ୯୯ ରନ୍‌ର ପାଳି ସହାୟତାରେ ୪୬୨ ରନ୍ ସଂଗ୍ରହ କରିଥିଲା। ନ୍ୟୁଜିଲାଣ୍ଡର ରାଚିନ ରବିନ୍ଦ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ରେ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ଟେଷ୍ଟ ଆସନ୍ତା ୨୪ ତାରିଖରେ ପୁନେର ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଖେଳାଯିବ।

## ଜୋହର କପ୍-ହକି

ମାଲେସିଆଠାରେ ଚାଲିଥିବା ସୁଲତାନ ଅଫ୍ ଜୋହର କପ୍ ୨୦୨୪ ଜୁନିୟର ହକି ପ୍ରତିଯୋଗିତାରେ ଏହି ଅଳ୍ପସମୟ ପୂର୍ବରୁ ଭାରତ ଏବଂ ଗ୍ରେଟ୍ ବ୍ରିଟେନ୍ ମଧ୍ୟରେ ମ୍ୟାଚ୍ ଆରମ୍ଭ ହୋଇଛି। ତମନଦୟା ହକି ଷ୍ଟାଡିୟମଠାରେ ଗତକାଲି ଅନୁଷ୍ଠିତ  ପ୍ରଥମ ଲିଗ୍ ମ୍ୟାଚ୍‌ରେ ଭାରତ' ଜାପାନକୁ ୪-୨ ଗୋଲ୍‌ରେ ପରାସ୍ତ କରିଥିଲା । ଗ୍ରେଟ୍‌ବ୍ରିଟେନ୍ ତା'ର ପ୍ରଥମ ମ୍ୟାଚ୍‌ରେ ଗତକାଲି ଅଷ୍ଟ୍ରେଲିଆକୁ ୩-୧ ଗୋଲ୍‌ରେ ପରାସ୍ତ କରିଥିଲା ।

## ୱିମେନ୍ସ କ୍ରିକେଟ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆଜି ନ୍ୟୁଜିଲ୍ୟାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ଦୁବାଇରେ ଭାରତୀୟ ସମୟ ସଂଧ୍ୟା ସାଢ଼େ ୭ଟାରେ

ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ବିଜୟୀ ଦଳ ପ୍ରଥମଥର ପାଇଁ ଟାଇଟଲ ହାସଲ କରିବ । ସେମିଫାଇନାଲ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା’ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବାବେଳେ ନ୍ୟୁଜିଲାଣ୍ଡ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ବିଜୟ ହାସଲ କରି ଫାଇନାଲରେ ପହଞ୍ଚିଛି ।

## ଇଣ୍ଡିଆ-ସ୍କ୍ୱାର୍ଡ ହକି

ନୂଆଦିଲ୍ଲୀଠାରେ ଆରମ୍ଭ ହେବାକୁ ଥିବା ଭାରତ-ଜର୍ମାନୀ ପୁରୁଷ ଦ୍ୱିପାକ୍ଷିକ ହକି ପ୍ରତିଯୋଗିତା ପାଇଁ ଆଜି ୨୨ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ହରମନପ୍ରୀତ ସିଂ ଅଧିନାୟକ ଏବଂ ବିବେକ ସାଗର ପ୍ରସାଦ ଦଳର ଉପ ଅଧିନାୟକ ରହିଛନ୍ତି। ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମଠାରେ ଆସନ୍ତା ୨୩ ଏବଂ ୨୪ ତାରିଖରେ ଦୁଇଟି ଯାକ ମ୍ୟାଚ୍ ଖେଳାଯିବ। ଚୀନ୍‌ରେ ଅନୁଷ୍ଠିତ ଏସିଆ ଚମ୍ପିଆନସିପ୍ ହକି ପ୍ରତିଯୋଗିତାର ଟାଇଟଲ ହାସଲ କରିବା ପରେ ଭାରତ ଏହା ପ୍ରଥମ ଦ୍ୱିପାକ୍ଷିକ ଆନ୍ତର୍ଜାତିକ ହକି ସିରିଜ୍ ହେବ।